ଓଡ଼ିଶା ସରକାର

# ଓଡ଼ିଶା ବିଧାନ ସଭାରେ
# ୧୯୭୧-୭୨ ମସିହାର ବଜେଟ୍ ଉପସ୍ଥାପିତ କରି
# ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସଙ୍କ
# ଅଭିଭାଷଣ

ମାନ୍ୟବର ଅଧ୍ୟକ୍ଷ ମହାଶୟ,

ମୁଁ ୧୯୭୧-୭୨ ମସିହା ପାଇଁ ଓଡ଼ିଶା ସରକାରଙ୍କ ବାର୍ଷିକ ଅର୍ଥ-ବିବରଣୀ ଉପସ୍ଥାପିତ କରିବାକୁ ଯାଉଛି ।

୨। ଏହି ମହମାନ୍ୟ ସଭା ସମକ୍ଷରେ ମୁଁ ଯେଉଁ ବଜେଟ୍ ଉପସ୍ଥାପନ କରୁଛି ତାହା ବହୁମାତ୍ରାରେ ଆମର ସମୟର ସୃଷ୍ଟି । କେବଳ ଓଡ଼ିଶା ନୁହେଁ, ଓଡ଼ିଶା ବାହାରର ଘଟଣା ପ୍ରବାହ ମଧ୍ୟ ଏହାକୁ ପ୍ରଭାବିତ କରିଛି । ଏହିସବୁ ଘଟଣାବଳୀ, ବିଶେଷକରି ଗତ କେତେ ମାସର ଘଟଣାଗୁଡ଼ିକ ଐତିହାସିକ ଓ ଅତୀବ ଗୁରୁତ୍ୱପୂର୍ଣ୍ଣ । ଆମ ଭାରତବର୍ଷରେ ଲୋକସଭା ଓ କେତେକ ରାଜ୍ୟର ବିଧାନ ସଭାଗୁଡ଼ିକର ବିଭଜନ ପରେ ପରେ ନିର୍ବାଚନ ପରିଚାଳନା ଓ ଲୋକପ୍ରିୟ ମନ୍ତ୍ରିମଣ୍ଡଳ ଗଠନ ପ୍ରକୃତ ଗଣତାନ୍ତ୍ରିକ ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଥିବା ବେଳେ ପୂର୍ବବଙ୍ଗରେ ଅକଥନୀୟ ଅତ୍ୟାଚାର ଓ ହତ୍ୟାର ବିଭୀଷିକା ଫଳରେ ଆମ ଦେଶକୁ ୫ ନିୟୁତରୁ ଅଧିକ ଶରଣାର୍ଥୀଙ୍କ ସମାଗମନ ସଙ୍କଟ ଦେଇ ନୈରାଶ୍ୟ ଓ ବିଷାଦ ଢାଙ୍କି ଦେଇଛି । ପରିତାପର ବିଷୟ ଯେ ଏହି ମାନବିକ ସମସ୍ୟା ସଂପର୍କରେ ଆନ୍ତର୍ଜାତିକ ଚେତନା ଯେଉଁ ପରିମାଣରେ ଉଦ୍‌ବୁଦ୍ଧ ହେବା କଥା, ଏ ପର୍ଯ୍ୟନ୍ତ ତାହା ହୋଇନାହିଁ । ୟୁରୋପ ଓ ଆରବ ଦେଶମାନଙ୍କରେ ଶରଣାର୍ଥୀମାନଙ୍କର ଦାୟିତ୍ୱ ଯେଉଁଭଳି ମିଳିତ ଜାତିସଂଘ ବହନ କରିଛନ୍ତି ସେହିଭଳି ଏହି ଶରଣାର୍ଥୀମାନଙ୍କର ଦାୟିତ୍ୱ ନେବା ମିଳିତ ଜାତିସଂଘର କର୍ତ୍ତବ୍ୟ । ଏଥିରେ ପାତର ଅନ୍ତର କରିବାର କିଛି କାରଣ ନାହିଁ । ମିଳିତ ଜାତିସଂଘ ଅବିଳମ୍ବେ ଏ ଦାୟିତ୍ୱ ଗ୍ରହଣ କରିବା ଉଚିତ । ପୃଥିବୀର ବୃହତ୍ ଶକ୍ତିମାନେ ଗଣତନ୍ତ୍ରକୁ ରକ୍ଷା କରିବା ବାହାନାରେ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଇଥିଲେ ଏବଂ ସେମାନଙ୍କର ଅସ୍ତ୍ରଶସ୍ତ୍ର ଭାରତରେ ଗଣତନ୍ତ୍ରକୁ ଖର୍ବ କରିବା ପାଇଁ ୧୯୬୫ ମସିହାରେ କିଭଳି ବ୍ୟବହାର କରାଯାଇଥିଲା ଏବଂ ବର୍ତ୍ତମାନ ପୂର୍ବବଙ୍ଗରେ କିଭଳି ବ୍ୟବହାର କରାଯାଉଛି ତାହାର ନୀରବ ଦର୍ଶକ ସାଜିଛନ୍ତି ।

୩। ଆମ ଦେଶ ପକ୍ଷେ ୧୯୭୦-୭୧ ମସିହା କେବଳ ରାଜନୈତିକ ଦୃଷ୍ଟିକୋଣରୁ ସ୍ମରଣୀୟ ନଥିଲା । ଏହି ସମୟ ମଧ୍ୟରେ ଅର୍ଥନୈତିକ କାର୍ଯ୍ୟକ୍ରମର କେତେକ କ୍ଷେତ୍ରରେ ମୁଖ୍ୟତଃ ଖାଦ୍ୟଶସ୍ୟ ଉତ୍ପାଦନ ଓ ରପ୍ତାନି ବାଣିଜ୍ୟରେ ଉଲ୍ଲେଖଯୋଗ୍ୟ ଅଗ୍ରଗତି ସାଧିତ ହୋଇଥିଲା । ୧୯୬୫ରୁ ୧୯୬୭ ମସିହା ପର୍ଯ୍ୟନ୍ତ ମାନ୍ଦା ସମୟ ପରେ ୧୯୬୮ ମସିହା ଠାରୁ ଦେଶର ଅର୍ଥନୀତି ଏକ ଅନୁକୂଳ ଅବସ୍ଥାକୁ ଆସିଛି ବୋଲି କେନ୍ଦ୍ରୀୟ ଅର୍ଥନୈତିକ ସର୍ଭେ ରିପୋର୍ଟରୁ ଜଣାଯାଉଛି । ତା ପରଠାରୁ

ଖାଦ୍ୟଶସ୍ୟ ଉତ୍ପାଦନ ବିଶେଷ ବୃଦ୍ଧି ପାଇଛି । ଭାରତୀୟ ରପ୍ତାନି କାରବାର ସବୁ ସମୟ ଅପେକ୍ଷା ଅଧିକ ହୋଇଛି । ଆଜି ମଧ୍ୟ ଆମର ବୈଦେଶିକ ମୁଦ୍ରା ମହଜୁଦ ପାଣ୍ଠି ସନ୍ତୋଷଜନକ ଅବସ୍ଥାରେ ରହିଛି । ମାତ୍ର ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ବିକାଶ ମନ୍ଥର ହୋଇଛି । ୧୯୬୯-୭୦ ମସିହାରେ ଭାରତର ଜାତୀୟ ଆୟ ଶତକଡ଼ା ୫.୩ ଭାଗ ବୃଦ୍ଧି ପାଇଛି ।

୪ । ୧୯୬୮-୬୯ ମସିହାଠାରୁ ଓଡ଼ିଶାର ଅର୍ଥନୀତିରେ ଉନ୍ନତିର ଲକ୍ଷଣ ପରିଲକ୍ଷିତ ହୋଇଥିଲା । ମୁଖ୍ୟତଃ କୃଷି ଉତ୍ପାଦନ ବୃଦ୍ଧି ଯୋଗୁଁ ୧୯୭୦-୭୧ ମସିହା ଅର୍ଥନୈତିକ ଦୃଷ୍ଟିକୋଣରୁ ଉତ୍ସାହଜନକ ମନେହୁଏ । ପ୍ରାରମ୍ଭିକ ଅଟକଳ ଅନୁଯାୟୀ ଓଡ଼ିଶାର ଆୟ ୧୯୬୮-୬୯ ମସିହାରେ (୧୯୬୦-୬୧ ମସିହା ଦରଦାମ ଭିତ୍ତିରେ) ୫୦୫ କୋଟି ଟଙ୍କା ଥିବାବେଳେ ୧୯୬୯-୭୦ ମସିହାରେ ତାହା ୫୨୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ସର୍ବଭାରତୀୟ ସ୍ତରର ହାରାହାରି ବିକାଶର ଏହା ହେଉଛି ପ୍ରାୟ ଅଧା । ସେହିପରି ୧୯୬୯-୭୦ ମସିହାରେ ଓଡ଼ିଶାର ମୁଣ୍ଡପିଛା ଆୟ ମାତ୍ର ଶତକଡ଼ା ୧ ଭାଗ ବୃଦ୍ଧି ପାଇଥିବା ବେଳେ ସାରା ଦେଶରେ ଏହି ବୃଦ୍ଧିର ହାର ଶତକଡ଼ା ୨.୯ ହୋଇଥିଲା । ଏହାର ଗୋଟିଏ କାରଣ ହେଉଛି ଓଡ଼ିଶାର ଜନସଂଖ୍ୟା ବୃଦ୍ଧିର ହାର ଭାରତବର୍ଷର ଜନସଂଖ୍ୟା ବୃଦ୍ଧିର ହାର ଅପେକ୍ଷା ଆନୁପାତିକ ଭାବେ ବେଶି । ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି ଯେ ଓଡ଼ିଶାର ମୁଣ୍ଡପିଛା ଆୟ ଜାତୀୟ ସ୍ତରର ମୁଣ୍ଡପିଛା ଆୟର ପ୍ରାୟ ଶତକଡ଼ା ୭୧ ଭାଗ । ଏହି ତାରତମ୍ୟ ଦୂର କରିବାକୁ ହେଲେ ଅଥବା ଅନ୍ତତଃ ପକ୍ଷେ ଏହି ତାରତମ୍ୟକୁ ଉଲ୍ଲେଖଯୋଗ୍ୟ ଭାବେ ହ୍ରାସ କରିବାକୁ ହେଲେ ଦେଶର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଆମର ଅର୍ଥନୀତିର ଦ୍ରୁତତର ଅଭିବୃଦ୍ଧି ଘଟାଇବାକୁ ହେବ । ଏଥି ନିମନ୍ତେ କେବଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦାୟ ନୁହେଁ, ଓଡ଼ିଶାର ଜନସାଧାରଣଙ୍କୁ ମଧ୍ୟ ଏ ଦିଗରେ ବିପୁଳ ପ୍ରଚେଷ୍ଟା କରିବାକୁ ପଡ଼ିବ ।

୫ । ଭାରତୀୟ ଅର୍ଥନୀତିରେ ଦରଦାମର କ୍ରମାଗତ ବୃଦ୍ଧି ସବୁଠାରୁ ବଡ଼ ଜଟିଳ ସମସ୍ୟା ରୂପେ ଲାଗି ରହିଛି । କେବଳ ଯେ ୧୯୬୯-୭୦ ମସିହାରେ ଜିନିଷପତ୍ରର ଦରଦାମ ପର୍ଯ୍ୟାପ୍ତ ଭାବେ ବୃଦ୍ଧି ପାଇଥିଲା ତା ନୁହେଁ ପରନ୍ତୁ ୧୯୭୦-୭୧ ମସିହାରେ ଦରଦାମ ବୃଦ୍ଧିର ହାର ପୂର୍ବ ବର୍ଷ ତୁଳନାରେ ଅଧିକ ମଧ୍ୟ ହୋଇଥିଲା । ୧୯୭୦-୭୧ ମସିହାର ପ୍ରଥମ ଛଅ ମାସର ସର୍ବଭାରତୀୟ ଶ୍ରମିକ ଶ୍ରେଣୀର ହାରାହାରି ଖାଉଟି ମୂଲ୍ୟସୂଚୀ ୨୨୪କୁ ବୃଦ୍ଧି ପାଇଥିଲା । ପୂର୍ବବର୍ତ୍ତୀ ବର୍ଷ ଏହି ମୂଲ୍ୟସୂଚୀ ଥିଲା ୨୧୫ । ଓଡ଼ିଶାରେ ଏହା ୨୪୮ରୁ ୨୫୮କୁ ବୃଦ୍ଧି ପାଇଥିଲା । ଖାଉଟି ମୂଲ୍ୟସୂଚୀ ବୃଦ୍ଧି ପାଇବାର ଗୋଟିଏ ପ୍ରଧାନ କାରଣ ହେଉଛି ଉତ୍ପାଦନ କ୍ଷେତ୍ରରେ ମନ୍ଥର ଗତି ।

୬ । ଭାରତବର୍ଷ ଏକ ଯୋଜନାବଦ୍ଧ ଅର୍ଥନୀତି ଗ୍ରହଣ କରି ୧୯୫୧ ମସିହା ଏପ୍ରିଲଠାରୁ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ କରୁଛି । ଆମର ଯୋଜନା-ଅର୍ଥ ବ୍ୟବସ୍ଥା ଓ କାର୍ଯ୍ୟକ୍ରମ ପୁରାପୁରି ଯୋଜନା କମିଶନ ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ ହୋଇଥାଏ ଏବଂ ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କର ନିଜ ଉଦ୍ୟମରେ ବିଶେଷ କିଛି କରିବାର ନାହିଁ । ଆମ ଦେଶରେ ୧୯୬୯-୭୦ ମସିହା ଏପ୍ରିଲ ମାସରୁ ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ଆରମ୍ଭ ହୋଇଛି ଏବଂ ଆମେ ଚତୁର୍ଥ ଯୋଜନାର ତୃତୀୟ ବର୍ଷରେ ପଦାର୍ପଣ କରିଛୁ । ବସ୍ତୁତଃ ଏହାକୁ ପଞ୍ଚବାର୍ଷିକ ଯୋଜନା କୁହାଯାଉଥିଲେ ମଧ୍ୟ ବାସ୍ତବ ପକ୍ଷେ ଏହା ହେଉଛି ବର୍ଷକୁ ବର୍ଷ କାର୍ଯ୍ୟକାରୀ ହେଉଥିବା ଏକ ଯୋଜନା ଏବଂ ତଦନୁଯାୟୀ କେନ୍ଦ୍ର ସରକାର ଓ ଯୋଜନା କମିଶନ ବର୍ଷକୁ ବର୍ଷ ସମ୍ବଳ ନିର୍ଦ୍ଧାରଣ କରିଥାଆନ୍ତି । ଏହା ଏକ ଜଣାଶୁଣା ବିଷୟ ଯେ ସ୍ୱାଧୀନତା ପ୍ରାପ୍ତି ସମୟରେ ଭାରତର ବିଭିନ୍ନ ରାଜ୍ୟ ଐତିହାସିକ କାରଣରୁ ପ୍ରଗତିର ବିଭିନ୍ନ ପର୍ଯ୍ୟାୟରେ ପହଞ୍ଚିଥିଲେ । ପଞ୍ଚବାର୍ଷିକ ଯୋଜନା ଆରମ୍ଭରେ ଯୋଜନା କମିଶନ ଓ ଭାରତ ସରକାର ରାଜ୍ୟ ସରକାରମାନଙ୍କୁ କେନ୍ଦ୍ରୀୟ ସାହାଯ୍ୟ ଦେବାର ଏକ ପଦ୍ଧତି କେତେକ କ୍ଷେତ୍ରରେ ପ୍ରବର୍ତ୍ତନ କଲେ ଓ ଏହା 'ମ୍ୟାଚିଙ୍ଗ୍ ଗ୍ରାଣ୍ଟ' ନାମରେ ବିଦିତ । ଏହି ଅନୁଯାୟୀ ଯେଉଁଠାରେ ରାଜ୍ୟ ସରକାର ଗୋଟିଏ ଟଙ୍କା ଦେଇପାରୁଥିଲେ, ସେଠାରେ ରାଜ୍ୟର ଅଗ୍ରଗତି ପାଇଁ ଭାରତ ସରକାର ଉକ୍ତ ରାଜ୍ୟକୁ ଆଉ ଏକ ଟଙ୍କା ଦେଉଥିଲେ । ଏହା ଫଳରେ ଉନ୍ନତତର ରାଜ୍ୟଗୁଡିକ କେନ୍ଦ୍ରରୁ ବେଶୀ ପରିମାଣ ସମ୍ବଳ ଲାଭକରି ଯୋଜନାନୁଯାୟୀ ଦିଆଯାଉଥିବା ଅର୍ଥର ପୂର୍ଣ୍ଣ ସୁଯୋଗ ନେଇ ପାରିଲେ । ଆଉ ମଧ୍ୟ ଭିନ୍ନ ଭିନ୍ନ ରାଜ୍ୟମାନେ ଆୟକର ଓ କେନ୍ଦ୍ର ଅବକାରୀ ଶୁଳ୍କ ବାବଦରେ ଅଧିକ ସମ୍ବଳ ପାଇବା ଫଳରେ ବିକାଶୋନ୍ମୁଖୀ ରାଜ୍ୟମାନଙ୍କ ପକ୍ଷେ ଏହା ଉଦ୍‌ବେଗ ଓ ଅସୁବିଧାର କାରଣ ହେଲା । ଏଭଳି ସମସ୍ତ କାର୍ଯ୍ୟ ଫଳରେ ଆଜି ରାଜ୍ୟ ରାଜ୍ୟ ମଧ୍ୟରେ ବୈଷମ୍ୟ ବୃଦ୍ଧି ପାଇଛି । ଜାତୀୟ ସମ୍ବଳ ବଣ୍ଟନ କ୍ଷେତ୍ରରେ ଅନୁନ୍ନତ ରାଜ୍ୟଗୁଡିକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରା ନ ଗଲେ ଏହି ବୈଷମ୍ୟ ଦୂର କରାଯାଇ ପାରିବନାହିଁ ।

୭ । ଏଭଳି ପରିସ୍ଥିତିରେ କେତେକ ରାଜ୍ୟ କେନ୍ଦ୍ର ଓ ରାଜ୍ୟ ସମ୍ପର୍କର ପୁନର୍ବିଚାର ପାଇଁ ସ୍ୱର ଉଠାଇଛନ୍ତି । ଏ କ୍ଷେତ୍ରରେ କେତେକ ରାଜ୍ୟ ଓ ଆମର ଦାବୀ ମଧ୍ୟରେ ବହୁତ ପାର୍ଥକ୍ୟ ରହିଛି । ବହୁର ବିଦରର ସ୍ୱାତନ୍ତ୍ର୍ୟ ସମେତ କେତେକ ରାଜ୍ୟ ସରକାର ପୂର୍ଣ୍ଣ ସ୍ୱାୟତ୍ତ ଶାସନ ଦାବୀ କରୁଛନ୍ତି । ଏହା ଫଳରେ କେନ୍ଦ୍ର ସରକାର ତଥା ଶୀର୍ଷ ନ୍ୟାୟାଳୟଙ୍କ କ୍ଷମତା ଓ ଅଧିକାର ଦୁର୍ବଳ ଓ ସଙ୍କୁଚିତ ହେବା ଅବଶ୍ୟମ୍ଭାବୀ । ମାତ୍ର ଏକ ଶକ୍ତିଶାଳୀ କେନ୍ଦ୍ର ସରକାର ଏବଂ ଭାରତର ଜାତୀୟ ସମ୍ବଳର ସୁଷମ ଓ ନ୍ୟାୟୋଚିତ ବଣ୍ଟନର ବ୍ୟବସ୍ଥା କରିବା ହେଉଛି ଆମର ଦାବୀ । ଏହା

ଫଳରେ ବିକାଶୋନ୍ମୁଖୀ ରାଜ୍ୟମାନେ ପ୍ରଗତି ହାସଲ କରିବାକୁ ସମର୍ଥ ହେବେ ଏବଂ ସ୍ୱାଧୀନତା ପ୍ରାପ୍ତି ପରେ ରାଜ୍ୟ ରାଜ୍ୟ ମଧ୍ୟରେ ସୃଷ୍ଟି ହୋଇଥିବା ବୈଷମ୍ୟ ଦୂର ହୋଇ ଭାରତୀୟ ୟୁନିଅନ୍‌ର ସମୃଦ୍ଧି ସମ୍ଭବ ହେବ ।

## ପଞ୍ଚବାର୍ଷିକ ଯୋଜନା ଓ ଚତୁର୍ଥ ଯୋଜନା

୮ । ମୁଁ ପୂର୍ବରୁ ଦର୍ଶାଇଛି ଯେ କେବଳ ଆମର ଭବିଷ୍ୟତ ଉନ୍ନତି ଦୃଷ୍ଟିରୁ ନୁହେଁ ପରନ୍ତୁ ଆମକୁ ତିଷ୍ଠି ରହିବା ପାଇଁ ଆମ ରାଜ୍ୟର ବିକାଶର ବେଗକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ । ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି ଯେ ବର୍ତ୍ତମାନ ଯେଉଁ ସମ୍ବଳ ନିର୍ଣ୍ଣିତ ଭାବେ ମିଳିବାର ସମ୍ଭାବନା ରହିଛି, ତାହାକୁ ଭିତ୍ତି କରି ରାଜ୍ୟର ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ବ୍ୟୟ ବରାଦ ୨୨୩ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଥିଲା । ଆଉ ମଧ୍ୟ ମାନ୍ୟବର ସଭ୍ୟମାନେ ଜାଣନ୍ତି ଯେ ରାଜ୍ୟ ସରକାର ନିଜର ସମ୍ବଳ ବୃଦ୍ଧି କରିବା ତଥା କେନ୍ଦ୍ର ସରକାରଙ୍କଠାରୁ ଅଧିକ ମାତ୍ରାରେ ସାହାଯ୍ୟ ପାଇବା ପାଇଁ ପ୍ରଗାଢ଼ ଉଦ୍ୟମ ଚଳାଇଛନ୍ତି । କେନ୍ଦ୍ର ସରକାର ଯେଉଁ ଅତିରିକ୍ତ ସମ୍ବଳ ସଂଗ୍ରହ କରିବେ, ତହିଁରୁ ରାଜ୍ୟର ଅଂଶକୁ ରାଜ୍ୟ ଯୋଜନାର ଅନ୍ତର୍ଭୁକ୍ତ କରିବା ପାଇଁ ଅନୁମତି ଦେବା ସକାଶେ ଭାରତ ସରକାର ରାଜି ହୋଇଛନ୍ତି । ସରକାରୀ ଉଦ୍ୟୋଗଗୁଡ଼ିକ ଯେପରି ଅଧିକ ଋଣ ଉଠାଇ ପାରିବେ, ତହିଁର ବ୍ୟବସ୍ଥା ହୋଇଛି । ଅତିରିକ୍ତ ସମ୍ବଳ ସଂଗ୍ରହ ପାଇଁ ରାଜ୍ୟ ସରକାର ଜୋରସୋରରେ ଉଦ୍ୟମ ଚଳାଇଛନ୍ତି । ଏବେବି ବିଭିନ୍ନ କାରଣ ଯୋଗୁଁ, ବିଶେଷତଃ କେନ୍ଦ୍ର ବଜେଟ ଗୃହୀତ ହେବା ପୂର୍ବରୁ 'ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ବ୍ୟୟ ବରାଦକୁ କେତେ ପରିମାଣରେ ବୃଦ୍ଧି କରାଯାଇ ପାରିବ, ତାହା ଅଟକଳ କରିବା ଏବେବି କଷ୍ଟସାଧ୍ୟ । ଏପର୍ଯ୍ୟନ୍ତ ଯାହା କିଛି ହାସଲ କରାଯାଇପାରିଛି, ସେତିକରେ ସନ୍ତୁଷ୍ଟ ହୋଇ ଆମେ ଚୁପହୋଇ ବସିପାରିବା ନାହିଁ । ବିଭିନ୍ନ ସଂସ୍ଥା ଜରିଆରେ ଓଡ଼ିଶାରେ ଅର୍ଥ ବିନିଯୋଗର ହାର ଆହୁରି ଅଧିକ 'ବୃଦ୍ଧି କରିବା ପାଇଁ ଆମକୁ ଅବିରତ ଉଦ୍ୟମ ଚଳାଇବାକୁ ପଡ଼ିବ ।

## ବିଶେଷ କେନ୍ଦ୍ରୀଭୂତ ପଞ୍ଚବାର୍ଷିକ ଯୋଜନା

୯ । ଆମ ରାଜ୍ୟରେ ବିକାଶର ବେଗକୁ ତ୍ୱରାନ୍ୱିତ କରିବା ପାଇଁ ଆମେ କେତେକ ବ୍ୟବସ୍ଥା ଗ୍ରହଣ କରିଅଛୁ ଏବଂ ଏହି ଗୃହରେ ମୁଁ ଉପସ୍ଥାପନ କରିବାକୁ ଯାଉଥିବା ବଜେଟ ପ୍ରସ୍ତାବରେ ସେଥିପାଇଁ ଅର୍ଥ ବ୍ୟବସ୍ଥା କରାଯାଇଛି । କିନ୍ତୁ ଏକଥା ହୃଦୟଙ୍ଗମ କରାଯିବା ଉଚିତ ଯେ ଆମକୁ ସଂଘୀୟ ଆର୍ଥିକ ସଂଗଠନର ପରିସର ମଧ୍ୟରେ ଯାହା କିଛି କରିବାକୁ ହେବ, ଯେହେତୁ ଆମେ ଏଥି ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି ଯେ ପଞ୍ଚମ ଅର୍ଥ କମିଶନଙ୍କ

ସୁପାରିଶକ୍ରମେ ଭାରତ ସରକାର ଅର୍ଥ ବଣ୍ଟନ ପାଇଁ ଯେଉଁ ନୀତି ଘୋଷଣା କରିଛନ୍ତି, ତାହାଫଳରେ ରାଜ୍ୟ ସରକାରଙ୍କ ଅଣ-ଯୋଜନା ହିସାବରେ ବହୁତ ନିଅଣ ରହି ଯାଇଛି । ଅଣ-ଯୋଜନା ହିସାବରେ ଏଭଳି ପ୍ରଭୂତ ନିଅଣ ଯୋଗୁଁ ରାଜ୍ୟ ସରକାର ବାଧ୍ୟହୋଇ ମିଳୁଥିବା ସ୍ୱଳ୍ପ ଅର୍ଥରେ ରାସ୍ତା, କେନାଲ, ବନ୍ଧବାଡ଼, କୋଠାବାଡ଼ି ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଅର୍ଥ ବ୍ୟବସ୍ଥା କରିଛନ୍ତି । ଏସବୁ ସ୍ୱଳ୍ପ ବ୍ୟୟ ସତ୍ତ୍ୱେ ୧୯୭୦-୭୧ ମସିହାର ସଂଶୋଧିତ ଅଟକଳରେ ଅଣ-ଯୋଜନା ରାଜସ୍ୱ ବାବଦ ନିଅଣ ୧୧.୬୭ କୋଟି ଟଙ୍କା ହେଉଛି । ୧୯୭୧-୭୨ ମସିହାରେ ଏହି ଅବସ୍ଥାରେ ଅଧିକ ଅବନତି ପରିଲକ୍ଷିତ ହୋଇଛି । କାରଣ କେନ୍ଦ୍ର ସରକାର ତାଙ୍କର କର୍ମଚାରୀମାନଙ୍କୁ ମଧ୍ୟବର୍ତ୍ତୀକାଳୀନ ସାହାଯ୍ୟ ଆକାରରେ ପାରିଶ୍ରମିକର ପରିମାଣ ବହୁତ ବେଶୀ ବୃଦ୍ଧି କରିଥିବାରୁ ଆମ୍ଭମାନଙ୍କୁ ଅତିରିକ୍ତ ମହଙ୍ଗା ଭତ୍ତା ମଞ୍ଜୁର କରିବାକୁ ପଡ଼ିଥିଲା । ଏହି ରାଜସ୍ୱ ନିଅଣ ବ୍ୟତୀତ ଓଡ଼ିଶା ସରକାରଙ୍କର କ୍ୟାପିଟାଲ ଏକାଉଣ୍ଟରେ ମଧ୍ୟ ବହୁତ ବେଶି ନିଅଣ ରହିଛି । ୧୯୭୦-୭୧ ମସିହାର ସଂଶୋଧିତ ଅଟକଳରେ ଅଣ-ଯୋଜନା କ୍ୟାପିଟାଲ ଏକାଉଣ୍ଟ ନିଅଣର ପରିମାଣ ବିଶେଷ ସାହାଯ୍ୟ ବାବଦ ହିସାବକୁ ବାଦ ଦେଇ ମଧ୍ୟ ୨୩.୬୭ କୋଟି ଟଙ୍କା ହେଉଛି । ଥରକୁ ଥର ବିଭିନ୍ନ ସୂତ୍ରରୁ ବ୍ୟୟ ସଙ୍କୋଚ ସଂପର୍କରେ ପରାମର୍ଶ ମିଳୁଛି । ସରକାରୀ କାର୍ଯ୍ୟନିର୍ବାହରେ ସର୍ବାଧିକ ମିତବ୍ୟୟିତା ଅବଲମ୍ବନ ପାଇଁ ଯେଉଁମାନେ ପରାମର୍ଶ ଦେଉଛନ୍ତି ସେମାନଙ୍କ ସଙ୍ଗେ ମୁଁ ପୂର୍ଣ୍ଣତଃ ଏକମତ । ଏଥି ସଙ୍ଗେ ସଙ୍ଗେ ଏ ବିଷୟଟିକୁ ଉଚିତ ପରିପ୍ରେକ୍ଷୀରେ ଉପସ୍ଥାପନ କରିବା ପାଇଁ ଏ ସ୍ଥଳରେ ମୁଁ କେତେକ ତଥ୍ୟ ଜଣାଇ ଦେବାକୁ ଚାହେଁ । ଉଭୟ ରାଜସ୍ୱ ଓ ବ୍ୟୟ ବାବଦରେ ଦର୍ଶା ଯାଇଥିବା ସମାଯୋଜନ ଓ ଆଦାୟ ହିସାବକୁ ବାଦ ଦେଲେ ଅଣ-ଯୋଜନା ରାଜସ୍ୱ ବାବଦର ମୋଟ ବ୍ୟୟ ପ୍ରାୟ ୧୧୯ କୋଟି ଟଙ୍କା ମଧ୍ୟରୁ ପ୍ରାୟ ୪୪ କୋଟି ଟଙ୍କା କର୍ମଚାରୀମାନଙ୍କ ଦରମା, ଭତ୍ତା ଓ ପେନ୍‌ସନ୍ ଆକାରରେ ଦିଆଯାଏ । ଋଣପ୍ରୟୋଗ ଓ ସୁଧ ପରିଶୋଧ ପାଇଁ ୨୯ କୋଟି ଟଙ୍କା, ଶିକ୍ଷାନୁଷ୍ଠାନ ଓ ସ୍ୱାୟତ୍ତଶାସନ ଅନୁଷ୍ଠାନ ପ୍ରଭୃତି ଗୁଡ଼ିକୁ ଗ୍ରାଣ୍ଟ-ଇନ୍-ଏଡ୍ ଏବଂ ଷ୍ଟାଇପେଣ୍ଡ ଓ ଛାତ୍ରବୃତ୍ତି ବାବଦରେ ୧୯ କୋଟି ଟଙ୍କା, ରାସ୍ତା, କୋଠାବାଡ଼ି, କେନାଲ ଓ ବନ୍ଧବାଡ଼ିଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ଛୋଟ ଛୋଟ ନିର୍ମାଣ କାର୍ଯ୍ୟ-ପାଇଁ ୧୦ କୋଟି ଟଙ୍କା ଦରକାର । ଭୂମି ସମର୍ପଣ ଏବଂ କ୍ଷତିପୂରଣ ଓ ଦୁର୍ଭିକ୍ଷ ସାହାଯ୍ୟ, ଜମିଦାରୀ ଉଚ୍ଛେଦ ତଥା ଅନ୍ୟାନ୍ୟ ପାଣ୍ଠିକୁ ହସ୍ତାନ୍ତର କରିବାପାଇଁ ପ୍ରାୟ ୪ କୋଟି ଟଙ୍କା ଆବଶ୍ୟକ ପଡ଼ିଥାଏ । ଅବଶିଷ୍ଟ ୧୩ କୋଟି ଟଙ୍କା ଡାକପରିଚାଳନ, ପରିବହନ ସେବା ଓ ଅନ୍ୟାନ୍ୟ ସରକାରୀ ବିଭାଗଗୁଡ଼ିକର ଅପ୍ରତ୍ୟାଶିତ ବ୍ୟୟ ତୁଲାଇବାରେ ଖର୍ଚ୍ଚ ହୁଏ । ଅନୁରୂପ ଅଣ-ଯୋଜନା ରାଜସ୍ୱ ବାବଦରୁ ଆୟ ହେଉଛି ମାତ୍ର ୧୦୬ କୋଟି ଟଙ୍କା । ଏଣୁ ବଳକା କିଛି ନ ରହି ନିଅଣ ହେବା ସ୍ୱାଭାବିକ । ଆମ ରାଜ୍ୟ ସରକାରଙ୍କର ଏହିଭଳି ରାଜସ୍ୱ ନିଅଣ କ୍ରମାଗତ ଭାବେ

ସବୁବେଳେ ଲାଗି ରହିଛି । ବିଗତ ୧୦ ବର୍ଷ ମଧ୍ୟରେ ରାଜସ୍ୱ ନିଅଣ୍ଟର ପରିମାଣ ଏକତ୍ରିତ ହୋଇ ୬୦ କୋଟି ଟଙ୍କା ବୃଦ୍ଧି ପାଇଛି । ଋଣ କରାଯାଇ ଏହି ନିଅଣ୍ଟ ଭରଣା କରାଯାଇଛି ସତ, କିନ୍ତୁ ଏହା ଫଳରେ ରାଜ୍ୟ ଉପରେ ଅଧିକ ଚାପ ପଡ଼ୁଛି । ଆମେ ଯେତେ ଇଚ୍ଛା କଲେ ମଧ୍ୟ ବିଭିନ୍ନ କାରଣ ଯୋଗୁଁ ବ୍ୟାପକ ଧରଣର ଛଟେଇ କରାଯିବା ସମ୍ଭବ ନୁହେଁ । ଏ ଦିଗରେ ସର୍ବୋତ୍କୃଷ୍ଟ ଉପାୟ ହେଉଛି ଯେତିକି କର୍ମଚାରୀ ଅଛନ୍ତି ସେମାନଙ୍କୁ ଅଧିକ ଫଳପ୍ରଦ ଓ ସାର୍ଥକଭାବେ ନିୟୋଜିତ କରିବାକୁ ପଡ଼ିବ । ସୁଧ ପରିଶୋଧକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ । ରକ୍ଷଣାବେକ୍ଷଣ ପ୍ରଭୃତି ବାବଦରେ ଯେଉଁ ଖର୍ଚ୍ଚ ହେଉଛି ତାହା ଅନ୍ୟ ରାଜ୍ୟ ତୁଳନାରେ ବହୁତ କମ୍ । ଏଭଳି ପରିସ୍ଥିତିରେ ଅଣ-ଯୋଜନା ରାଜସ୍ୱ ବାବଦ ବ୍ୟୟ ହ୍ରାସ କରାଯିବା ପାଇଁ ଅବକାଶ ନାହିଁ ।

୧୦ । କେନ୍ଦ୍ର ସରକାର ବର୍ତ୍ତମାନ ଯେଉଁ ନୀତି ଅନୁସରଣ କରୁଛନ୍ତି, ସେହି ଅନୁସାରେ କ୍ୟାପିଟାଲ ଏକାଉଣ୍ଟରେ ଉପୁଜିଥିବା ସମସ୍ୟାର ସମାଧାନ ପ୍ରାୟ କରାଯାଇପାରିବ ନାହିଁ ବୋଲି ମନେ ହୁଏ । ଆମମାନଙ୍କୁ ଭାରତ ସରକାରଙ୍କୁ ଋଣ ପରିଶୋଧ ବାବଦରେ ବର୍ଷକୁ ୩୦ କୋଟି ଟଙ୍କାରୁ ଅଧିକ ଦେବାକୁ ହେବ । ଏହି ଋଣ ପରିଶୋଧ କରିବା ପରେ ଆମ ହାତରେ ରାଜସ୍ୱ ବାବଦରୁ କିଛି ବଳକା ରହୁନାହିଁ । ଖୋଲା ବଜାରରୁ ଉଠାଯାଉଥିବା ଋଣ, ସ୍ୱଳ୍ପ ସଞ୍ଚୟ ବାବଦରୁ ମିଳୁଥିବା ଅଂଶ, ଭବିଷ୍ୟନିଧି ପ୍ରଭୃତିରୁ ଯେଉଁ ନିଟ୍ ଆୟ ହେଉଛି, ସେ ସବୁ ଏହି ଦାୟର ସାମାନ୍ୟ ଅଂଶ ପୂରଣ କରିବାକୁ ମଧ୍ୟ କୁଳାଇବ ନାହିଁ । ତେଣୁ ଏହି ସବୁ ଅଣ-ଯୋଜନା ମୂଳଧନ ନିଅଣ୍ଟକୁ ପରିହାର କରିବାର ବାଟ ନାହିଁ । ଅର୍ଥ କମିଶନ୍ ଏହି ସମସ୍ୟାକୁ ହୃଦୟଙ୍ଗମ କରିଥିଲେ ମଧ୍ୟ ସେମାନେ ଏଥିପାଇଁ କୌଣସି ସମ୍ବଳର ବ୍ୟବସ୍ଥା କରିନାହାନ୍ତି କିମ୍ବା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କିଛି ପରାମର୍ଶ ଦେଇ ନାହାନ୍ତି । ଭାରତ ସରକାରଙ୍କୁ ଏହି ସମସ୍ୟା ସ୍ୱୀକାର କରିବାକୁ ହେଉଥିଲା ଏବଂ ଏକ ବିଶେଷ ଋଣ ଯୋଗାଇ ଦେଇ ଉଭୟ ରାଜସ୍ୱ ଓ କ୍ୟାପିଟାଲ ଏକାଉଣ୍ଟରେ ଥିବା ଅଣ-ଯୋଜନା ନିଅଣ୍ଟ ଭରଣା କରିବାକୁ ପଡିଥିଲା । ଏହା ଫଳରେ ସମସ୍ୟାର ଏକ ଅସ୍ଥାୟୀ ପ୍ରତିକାର ହୋଇ ପାରିଥିଲା । ଏହାର ଏକମାତ୍ର ସ୍ଥାୟୀ ସମାଧାନ ହୋଇ-ପାରିବ, ଯଦି ରାଜ୍ୟମାନଙ୍କୁ ଅର୍ଥ ବଣ୍ଟନ କଲାବେଳେ କେନ୍ଦ୍ର ସରକାର ରାଜ୍ୟର ରାଜସ୍ୱ ହିସାବକୁ ବଳକା କରିବା ପାଇଁ କିଛି ଅର୍ଥ ଯୋଗାଇବାର ବ୍ୟବସ୍ଥା କରିବେ । ତାହାହେଲେ ଏହି ବଳକା ଅର୍ଥ ଦ୍ୱାରା ଋଣ ପରିଶୋଧ ଆରମ୍ଭ କରାଯାଇ ପାରିବ । ଯେପର୍ଯ୍ୟନ୍ତ ସମଗ୍ର ଅର୍ଥନୈତିକ ବ୍ୟବସ୍ଥା ଗୁଡିକର ସମୀକ୍ଷା କରା ନ ଯାଇଛି ଓ ରାଜ୍ୟମାନଙ୍କ ପାଇଁ ରାଜସ୍ୱ ବଣ୍ଟନ କରିବାର ବ୍ୟାପାର ପ୍ରତି ପୁନରାୟ ଧ୍ୟାନ ଦିଆ ନ ଯାଇଛି, ସେପର୍ଯ୍ୟନ୍ତ ଉତ୍ତରୋତ୍ତର ବୃଦ୍ଧି ପାଉଥିବା ଆଞ୍ଚଳିକ ବୈଷମ୍ୟ ବରାବର ଲାଗି ରହିଥିବ । ଏହା ଫଳରେ ଜାତୀୟ ଏକତା କ୍ଷୁଣ୍ଣ ହେବା ସଙ୍ଗେ ସଙ୍ଗେ

ଗୁରୁତର ଓ ଅସୁଖକର ପରିଣାମ ସୃଷ୍ଟି ହେବ । ମୁଁ ଆଶା କରୁଛି, ଭାରତ ସରକାର ତଥା ଭବିଷ୍ୟତର ଅର୍ଥ କମିଶନ୍‌ମାନେ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରିବେ ଏବଂ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରିବେ ।

୧୧ । ମହାଶୟ, ଏହି ପରିପ୍ରେକ୍ଷୀରେ ମୁଁ ୧୯୭୧-୭୨ ପାଇଁ ବଜେଟ ଅଟକଳ ଉପସ୍ଥାପନ କରିବା ପୂର୍ବରୁ ୧୯୬୯-୭୦ ବଜେଟ୍ ହିସାବ ଓ ୧୯୭୦-୭୧ ପାଇଁ ସଂଶୋଧିତ ଅଟକଳର କେତେକ ପ୍ରଧାନ ପ୍ରଧାନ ବିଷୟ ଠିକେ ଠିକେ ବର୍ଣ୍ଣନା କରିବି ।

## ୧୯୬୯-୭୦ ହିସାବ

୧୨ । ୨·୮୨ କୋଟି ଟଙ୍କା ବଳକା ଜମାଥାଇ ୧୯୬୯-୭୦ ମସିହାର ହିସାବ ସମାପ୍ତ ହୋଇଥିଲା । ଭାରତର ରିଜର୍ଭ ବ୍ୟାଙ୍କ୍‌କୁ ଯଦି ବିଶେଷ ସାଧନୋପାୟ ଅଗ୍ରିମ (ଓ୍ୱେଜ୍ ଏଣ୍ଡ୍ ମିନ୍‌ସ୍ ଆଡ଼ଭାନ୍‌ସ) ପରିଶୋଧ କରିବାକୁ ନ ପଡ଼ିଥାନ୍ତା, ତାହାହେଲେ ଏହି ବଳକା ଜମା ଆହୁରି ଅଧିକ ହୋଇଥାଆନ୍ତା । ବର୍ଷଶେଷ ବଳକାର ପ୍ରଧାନ କାରଣ ହେଲା ରାଜ୍ୟ ଯୋଜନା ପାଇଁ ଅତିରିକ୍ତ ସମ୍ବଳଗୁଡ଼ିକ ବିନିଯୋଗ କରିବା ସକାଶେ ଭାରତ ସରକାର ଓ ଯୋଜନା କମିଶନଙ୍କ ନୀତିଗତ ସିଦ୍ଧାନ୍ତ ମାତ୍ର ୧୯୬୯-୭୦ ଶେଷ ଭାଗରେ ସରକାରଙ୍କ ହସ୍ତଗତ ହେଲା । ଏହିସବୁ ସମ୍ବଳ ପରେ ୧୯୭୦-୭୧ ପାଇଁ ରାଜ୍ୟର ବାର୍ଷିକ ଯୋଜନାରେ ମିଶାଯାଇଛି ।

## ସଂଶୋଧିତ ଅଟକଳ, ୧୯୭୦-୭୧

୧୩ । ଏ ସଭାଦ୍ୱାରା ଗୃହୀତ ହୋଇଥିବା ୧୯୭୦-୭୧ ବଜେଟ୍ ଅଟକଳରେ ୬୧ ଲକ୍ଷ ଟଙ୍କା ପ୍ରାରମ୍ଭିକ ଜମା ରହିବ ବୋଲି କଳ୍ପନା କରାଯାଇଥିଲା । ବର୍ଷର ନେଣ ଦେଣ ପରେ ୩୧·୨୮ କୋଟି ଟଙ୍କା ନିଅଣ୍ଟ ହେଉଥାନ୍ତା । ପ୍ରାରମ୍ଭିକ ଜମାକୁ ହିସାବକୁ ନେଲେ ବର୍ଷ ଶେଷରେ ୩୦·୮୭ କୋଟି ଟଙ୍କା ନିଅଣ୍ଟ ପଡ଼ିଥାନ୍ତା । ଅଣ-ଯୋଜନା ନିଅଣ୍ଟ ଭରଣା କରିବା ପାଇଁ ଭାରତ ସରକାରଙ୍କଠାରୁ ମିଳିଥିବା ଯେଉଁ ବିଶେଷ ଅଣ-ଯୋଜନା ଋଣ ସମ୍ପର୍କରେ ମୁଁ ଏଥିପୂର୍ବରୁ ଉଲ୍ଲେଖ କରି ସାରିଛି, ତାହା ଏହି ଅଟକଳରେ ଅନ୍ତର୍ଭୁକ୍ତ ହୋଇ ନଥିଲା । ସଂଶୋଧିତ ଅଟକଳରେ ୨୬·୩୮ କୋଟି ଟଙ୍କାର ଏକ ବିଶେଷ ଋଣ ଅନ୍ତର୍ଭୁକ୍ତ ହୋଇଛି । ଏହି ଟଙ୍କା ଆମର ହସ୍ତଗତ ହୋଇଯାଇଛି । ୨·୮୨ କୋଟି ଟଙ୍କାର ବର୍ଷ ଶେଷ ଜମା ହିସାବକୁ ନେଲେ ବର୍ଷର ସଂଶୋଧିତ ଅଟକଳରେ ୦·୨୭ କୋଟି ଟଙ୍କା ବଳକା ଜମା ରହୁଛି । ଯଦିଓ ପ୍ରକୃତ ବଳକା ଜମା ଏହା ଅପେକ୍ଷା ଅଧିକ ହେବାର ସମ୍ଭାବନା, ତଥାପି ଚୂଡ଼ାନ୍ତ ହିସାବ ହସ୍ତଗତ ହୋଇ ନଥିବାରୁ କେତେ ବଳକା ହେବ, ତାହା କହିବା ସମ୍ଭବ ନୁହେଁ ।

୧୪ । ମୁଖ୍ୟତଃ ଖାଦ୍ୟଶସ୍ୟ ସଂଗ୍ରହ ଓ ରପ୍ତାନି ପାଇଁ ମିଳିଥିବା ପ୍ରୋତ୍ସାହନମୂଳକ ବୋନସ୍ ଏବଂ ସୁଧ ଯୋଗୁଁ, ସଂଶୋଧିତ ଅଟକଳରେ ଆୟ ବୃଦ୍ଧି ପାଇଥିବା ସ୍ଥଳେ ଅତିରିକ୍ତ ମହଙ୍ଗାଭତ୍ତା ପ୍ରଦାନ ଓ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପ୍ରଭୃତିରେ ହୋଇଥିବା ଖର୍ଚ୍ଚ ଯୋଗୁଁ ବ୍ୟୟ ବୃଦ୍ଧି ପାଇଛି ।

୧୫ । ମୂଳରୁ ୧୯୭୦-୭୧ ପାଇଁ ରାଜ୍ୟର ବାର୍ଷିକ ଯୋଜନା ଖର୍ଚ୍ଚ ୪୧.୮୪ କୋଟି ଟଙ୍କା ଧାର୍ଯ୍ୟ ହୋଇଥିଲା । ୧୯୬୯-୭୦ରେ ଅତିରିକ୍ତ ସମ୍ବଳ ସଂଗୃହୀତ ହେବା ଏବଂ କେନ୍ଦ୍ର ସରକାରଙ୍କ ଅତିରିକ୍ତ ସମ୍ବଳରୁ ରାଜ୍ୟ ସରକାରଙ୍କ ଅଂଶ ମିଳିବା ଫଳରେ ଏଥି ସହିତ ଅଧିକ ଟଙ୍କା ମିଶିଯିବାରୁ ରାଜ୍ୟ ଯୋଜନା ଖର୍ଚ୍ଚକୁ ବର୍ଷ ମଧ୍ୟରେ ସଂଶୋଧିତ କରାଯାଇ ୪୫.୯୭ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା । ଏଥି ମଧ୍ୟରୁ ରାଜ୍ୟ ସରକାରଙ୍କ ଯୋଜନାରେ ୪୦.୪୭ କୋଟି ଟଙ୍କା ରଖାଯାଇଥିଲା ଏବଂ ଅବଶିଷ୍ଟ ୫.୫୦ କୋଟି ଟଙ୍କା ରାଜ୍ୟ ସରକାରଙ୍କ ଉଦ୍ୟୋଗରେ ପରିଚାଳିତ ସଂସ୍ଥାଗୁଡିକର ବଜେଟ୍‌ରେ ରଖାଯାଇଥିଲା ।

## ୧୯୭୧-୭୨ ବଜେଟ୍ ଅଟକଳ

୧୬ । ମୁଁ ବର୍ତ୍ତମାନ ୧୯୭୧-୭୨ ପାଇଁ ବଜେଟ୍ ଅଟକଳ ସଂପର୍କରେ ଆଲୋଚନା କରିବି । ଯଦିଓ ୧୯୭୦-୭୧ ମସିହା ଶେଷ ହୋଇଛି, ତଥାପି ସଂପୃକ୍ତ ବର୍ଷର ହିସାବକୁ ଏପର୍ଯ୍ୟନ୍ତ ସମାପ୍ତ କରାଯାଇ ନାହିଁ । ଏଣୁ ପ୍ରକୃତ ଆୟ ଓ ବ୍ୟୟର ବୃତ୍ତାନ୍ତ ହିସାବ ଜଣାପଡିନାହିଁ । ତେଣୁ ୧୯୭୦-୭୧ ମସିହାର ସଂଶୋଧିତ ଅଟକଳରେ ବର୍ଷଶେଷରୁ ଜମା ୦.୨୬ କୋଟି ଟଙ୍କାକୁ ୧୯୭୧-୭୨ ମସିହା ଅଟକଳ ଉଦ୍ଦେଶ୍ୟରେ ବଳକା ଜମା ରୂପେ ଗ୍ରହଣ କରାଯାଇଛି । ଅଣ-ଯୋଜନା କେନ୍ଦ୍ରୀୟ ଗ୍ରାଣ୍ଟ ଏବଂ ୧୯୬୮-୬୯ର କରଧାର୍ଯ୍ୟ ଭିତ୍ତିରେ ୧୯୭୧-୭୨ ରେ ମିଳିଥିବା ଟିକସର ଅଂଶ ଓ ଶୁଳ୍କଗୁଡିକୁ ମିଶାଇ ରାଜସ୍ୱ ଆୟ ୧୨୩.୨୩ କୋଟି ଟଙ୍କା ହେବାର ଆଶା । ଅଣ-ଯୋଜନା ରାଜସ୍ୱ ବ୍ୟୟ ୧୩୭.୮୪ କୋଟି ଟଙ୍କା ହେବ ବୋଲି ଆଶା କରାଯାଏ । ତେଣୁ ଅଣ-ଯୋଜନା ରାଜସ୍ୱ ନିଅଣ୍ଟ ୧୪.୬୧ କୋଟି ଟଙ୍କା ହେବାର ସମ୍ଭାବନା । ଯୋଜନାରେ (କେନ୍ଦ୍ରୀୟ ଉଦ୍ୟୋଗ ସମେତ) ରାଜସ୍ୱ ବାବଦ ଖର୍ଚ୍ଚ ହେବ ୨୪.୧୩ କୋଟି ଟଙ୍କା ଏବଂ ଏଥିପାଇଁ ବଜେଟରେ ବ୍ୟବସ୍ଥା କରାଯାଇଛି । ଏହି ବ୍ୟୟ ତୁଲାଇବା ପାଇଁ ଗ୍ରାଣ୍ଟ ଆକାରରେ କେନ୍ଦ୍ରୀୟ ସାହାଯ୍ୟ ଓ ଅନ୍ୟାନ୍ୟ ଯୋଜନା ବାବଦ ଆୟ ୧୮.୬୩ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ଏହି ରୂପେ ୧୯୬୯-୭୦ ଠାରୁ ଗ୍ରହଣ କରାଯାଇଥିବା ଅତିରିକ୍ତ ସମ୍ବଳ ସଂଗ୍ରହ ବ୍ୟବସ୍ଥାର ଫଳାଫଳ ଓ କେନ୍ଦ୍ର ସରକାରଙ୍କ ଅତିରିକ୍ତ ସମ୍ବଳରୁ ରାଜ୍ୟ ସରକାରଙ୍କୁ ମିଳୁଥିବା ଅଂଶକୁ ହିସାବକୁ ନ ନେଇ ଯୋଜନା କ୍ଷେତ୍ରରେ ରାଜସ୍ୱ ନିଅଣ୍ଟର ପରିମାଣ ୫.୫୦ କୋଟି ଟଙ୍କା ହେବାର ସମ୍ଭାବନା । ତେଣୁ ମୁଁ ବର୍ତ୍ତମାନ ଉଲ୍ଲେଖ କରିଥିବା

ଦୁଇଗୋଟି ଘଟଣାକୁ ବାଦ ଦେଲେ ସମୁଦାୟ ରାଜସ୍ୱ ନିଅଣ୍ଟ (ଅଣ-ଯୋଜନା ଓ ଯୋଜନା) ୨୦.୦୧ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି ।

୧୭ । କ୍ୟାପିଟାଲ ଏକାଉଣ୍ଟରେ ଅଣ-ଯୋଜନା କ୍ଷେତ୍ରରେ ଆୟ ବ୍ୟୟ ଯଥାକ୍ରମେ ୨୦.୩୭ କୋଟି ଓ ୩୯.୫୪ କୋଟି ଟଙ୍କା ହୋଇଥିବାର ଅଟକଳ କରାଯାଇଛି । ଏହା ଫଳରେ ମିଳିଥିବା ବିଶେଷ ସାହାଯ୍ୟକୁ ଛାଡି ୧୯.୧୭ କୋଟି ଟଙ୍କା ନିଅଣ୍ଟ ପଡ଼ିବ । ଖୋଲା ବଜାରରୁ ରାଜ୍ୟ ସରକାର ଯେଉଁ ୭.୭୦ କୋଟି ଟଙ୍କା ଋଣ ଆକାରରେ ପାଇବାର ପ୍ରସ୍ତାବ ରଖିଛନ୍ତି ତାହା ଏହି ଆୟର ଅନ୍ତର୍ଭୁକ୍ତ ଏବଂ କେନ୍ଦ୍ର ସରକାରଙ୍କ ଋଣ ପରିଶୋଧ କରିବା ପାଇଁ ଦରକାର ପଡୁଥିବା ୩୦.୦୮ କୋଟି ଟଙ୍କା ବ୍ୟୟ ଅଟକଳରେ ଅନ୍ତର୍ଭୁକ୍ତ କରାଯାଇଛି । ରାଜ୍ୟ ସରକାରଙ୍କ ଋଣଭାରର ବିଶଦ ବିବରଣୀ ପରିଶିଷ୍ଟ 'କ' ରେ ଦିଆଯାଇଛି । ଯୋଜନାରେ (କେନ୍ଦ୍ରୀୟ ଉଦ୍ୟୋଗ ସମେତ) ଆୟ ଓ ବ୍ୟୟର ପରିମାଣ ଯଥାକ୍ରମେ ୨୪.୯୯ କୋଟି ଓ ୩୨.୭୬ କୋଟି ଟଙ୍କା ହେବ । ଏହା ଫଳରେ ୭.୭୭ କୋଟି ଟଙ୍କା ନିଅଣ୍ଟ ପଡ଼ିବ । ଏହି ରୂପେ ବିଶେଷ ଅଣ-ଯୋଜନା ଋଣ ଆକାରରେ ମିଳୁଥିବା ଆୟକୁ ଛାଡ଼ି କ୍ୟାପିଟାଲ ଏକାଉଣ୍ଟରେ ସମୁଦାୟ ନିଅଣ୍ଟର ପରିମାଣ ୨୬.୨୩ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି ।

୧୮ । ପବ୍ଲିକ୍ ଏକାଉଣ୍ଟରେ ଆୟ ୧୪୬.୭୩ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି ଏବଂ ୧୩୭.୭୫ କୋଟି ଟଙ୍କା ଖର୍ଚ୍ଚ ହେବାର ସମ୍ଭାବନା ଅଛି, ଫଳରେ ୮.୯୮ କୋଟି ଟଙ୍କା ବଳକା ରହିବ ।

୧୯ । ଏଥିରୁ ବୁଝାଯିବ ଯେ ଅତିରିକ୍ତ ସମ୍ବଳ ସଂଗ୍ରହ ବ୍ୟବସ୍ଥା ଫଳରେ ହେଉଥିବା ଆୟ, କେନ୍ଦ୍ର ସରକାରଙ୍କ ଅତିରିକ୍ତ ସମ୍ବଳରୁ ରାଜ୍ୟ ସରକାରଙ୍କ ଅଂଶ ବାବଦରେ ମିଳୁଥିବା ଅର୍ଥ ଓ ବିଶେଷ ଋଣକୁ ବାଦ ଦେଇ ୧୯୭୧-୭୨ ରେ ରାଜ୍ୟ ସରକାରଙ୍କ ଦେଣନେଣ ଫଳରେ ସର୍ବମୋଟ ୩୮.୨୭ କୋଟି ଟଙ୍କା ନିଅଣ୍ଟ ପଡିବ ବୋଲି ଆଶା କରାଯାଉଛି ।

## ଅତିରିକ୍ତ ସମ୍ବଳ ସଂଗ୍ରହ

୨୦ । ମାନ୍ୟବର ସଦସ୍ୟମାନେ ଅବଗତ ଅଛନ୍ତି ଯେ ରାଜ୍ୟ ସରକାର ୧୯୬୯ ମସିହାରୁ ୧୯୭୪ ମସିହା ପର୍ଯ୍ୟନ୍ତ ୫ ବର୍ଷ ମଧ୍ୟରେ ୩୫ କୋଟି ଟଙ୍କା ଅତିରିକ୍ତ ସମ୍ବଳ ସଂଗ୍ରହ କରିବା ପାଇଁ ରାଜି ହୋଇଛନ୍ତି । ଏହି କାର୍ଯ୍ୟକ୍ରମର ଏକ ଅଂଶ ରୂପେ ଯାତ୍ରୀ ଭଡ଼ା ଉପରେ ପୂର୍ବତନ ମନ୍ତ୍ରିମଣ୍ଡଳ ଧାର୍ଯ୍ୟ କରିଥିବା ଟିକସ, ଏକ୍ସପ୍ରେସ ରାସ୍ତାରେ ମାହାସୁଲ (ଟୋଲ) ଧାର୍ଯ୍ୟ, କେନ୍ଦୁପତ୍ର ବ୍ୟବସାୟର ସମୀକରଣ, ବିକ୍ରୀକର ହାରର ସଂଶୋଧନ, ଭୂମିକର ହାରରେ ବୃଦ୍ଧି, ଷ୍ଟାମ୍ପ ଶୁଳ୍କର ସଂଶୋଧନ, ବିଜୁଳି ଶୁଳ୍କ ବୃଦ୍ଧି; ଖଣି ରୟାଲ୍‌ଟିର କେତେକ ହାର ବୃଦ୍ଧି, ସରକାରୀ ଜମି ପଟ୍ଟା ଦେବାପାଇଁ

ସଲ୍ଲମି ହାରର ସଂଶୋଧନ, ପ୍ରମୋଦକରର ପ୍ରସାର ପ୍ରଭୃତି କେତେକ ବ୍ୟବସ୍ଥା ହାତକୁ ନିଆଯାଇଛି । ପ୍ରଧାନତଃ ବିକ୍ରୀକର ହାରର ସଂଶୋଧନ କରାଯାଇ ୧୯୭୧-୭୨ ରେ କେତେକ ସାନ ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି । ମଟର ସ୍ପିରିଟ୍ ଉପରେ ଟିକସ ବୃଦ୍ଧି କରିବା, ଜଳକର ଧାର୍ଯ୍ୟ ଓ ଆଦାୟ ସଂପର୍କିତ ପଦ୍ଧତିକୁ ପରିବର୍ତ୍ତନ କରିବା ଏବଂ ଲୁହା ପଥର ଓ କୋଇଲା ଉପରେ ଖଣି ରୟାଲ୍ଟିର ହାର ସଂଶୋଧନ କରିବା ପାଇଁ ଆଉ କେତେକ ଅତିରିକ୍ତ ବ୍ୟବସ୍ଥା ପ୍ରବର୍ତ୍ତନ କରାଯିବ ବୋଲି ପ୍ରସ୍ତାବ କରାଯାଉଛି । ୧୯୬୯-୭୦ ମସିହାଠାରୁ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ସମେତ ଏହି ସବୁ ବ୍ୟବସ୍ଥା ଫଳରେ ୧୯୭୧-୭୨ ରେ ୭·୯୮ କୋଟି ଟଙ୍କା ରାଜସ୍ୱ ଆୟ ହେବ ବୋଲି ଆଶା କରାଯାଏ । ଟିକସଦାତାମାନଙ୍କ ସୁବିଧା ନିମନ୍ତେ କୃଷି ଆୟକରରେ ରିଆତି ଦେବାପାଇଁ ରାଜ୍ୟ ସରକାର ନିୟମାବଳୀ ପ୍ରଣୟନ କରି ପ୍ରକାଶ କରିସାରିଛନ୍ତି । ବାର୍ଷିକ ଟ୫୦,୦୦୦ଙ୍କା ପର୍ଯ୍ୟନ୍ତ ଆୟ ଉପରେ କିସ୍ତିକର ରିଆତି ଦିଆଯିବା ପାଇଁ ଗୋଟା ନିୟମାବଳୀ ପ୍ରସ୍ତୁତ ହୋଇ ମଧ୍ୟ ପ୍ରକାଶ କରାଯାଇଛି । କୃଷି ଆୟକରର ଅବ୍ୟାହତି ସୀମାକୁ ଟ୫,୦୦୦ଙ୍କା ପର୍ଯ୍ୟନ୍ତ ବଢ଼ାଇ ଦେବାପାଇଁ ପ୍ରସ୍ତାବ କରାଯାଉଛି ।

## ସର୍ବମୋଟ ନିଅଣ—ପ୍ରାୟ ଦୁଇ କୋଟି ଟଙ୍କା

୨୧ । ମୁଁ ପୂର୍ବରୁ ଉଲ୍ଲେଖ କରିଛି, 'ରାଜ୍ୟର ଅତିରିକ୍ତ ସମ୍ବଳଗୁଡ଼ିକ ଯେପରି ଯୋଜନାକୁ ଅର୍ଥ ଯୋଗାଇବା ପାଇଁ ମିଳିଥାଏ କେନ୍ଦ୍ର ସରକାରଙ୍କ ଅତିରିକ୍ତ ସମ୍ବଳ ସଂଗ୍ରହ ଉଦ୍ୟମ ବଳରେ ହେଉଥିବା ଆୟରୁ ରାଜ୍ୟର ଅଂଶ ସେହିପରି ମିଳିବ ବୋଲି ଭାରତ ସରକାର ରାଜି ହୋଇଛନ୍ତି । ଗତ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପିତ ହେବା ପୂର୍ବରୁ ବଳବତ୍ତର ଥିବା କେନ୍ଦ୍ରୀୟ ଟିକସ ହାରକୁ ଭିତ୍ତିକରି, କେନ୍ଦ୍ର ସରକାରଙ୍କ ଅତିରିକ୍ତ ସମ୍ବଳ ସଂଗ୍ରହ ବ୍ୟବସ୍ଥାରେ ରାଜ୍ୟ ସରକାରଙ୍କ ଅଂଶ ରୂପେ ୧·୯୫ କୋଟି ଟଙ୍କା ମିଳିବ ବୋଲି ଧରିନିଆଯାଇ ଆମ ବଜେଟରେ ଉକ୍ତ ଟଙ୍କାର ବ୍ୟବସ୍ଥା କରାଯାଇଛି । ଅର୍ଥ ମନ୍ତ୍ରାଳୟ ଓ ଯୋଜନା କମିଶନଙ୍କ ସହିତ ହୋଇଥିବା ଆଲୋଚନାକୁ ଭିତ୍ତିକରି ୧୯୭୧-୭୨ ମସିହାପାଇଁ ୨୪·୩୭ କୋଟି ଟଙ୍କାର ଅଣଯୋଜନା ନିଅଣ ରହିବ ବୋଲି ଅଟକଳ କରାଯାଇଥିଲା । ଏହି ପରିମାଣରେ ବିଶେଷ ସାହାଯ୍ୟ ମିଳିବ ବୋଲି ଧରି ନିଆଯାଇ ବଜେଟରେ ବ୍ୟବସ୍ଥା କରାଯାଇଛି । ଏହି ରୂପେ ମୁଁ ପୂର୍ବରୁ ଉଲ୍ଲେଖ କରିଥିବାମତେ ୩·୨୭ କୋଟି ଟଙ୍କା ନିଅଣ ଥିବା ସ୍ଥଳେ ଉପରୋକ୍ତ ୩ ଗୋଟି ହିସାବରେ ମୋଟ ୩୦·୨୯ କୋଟି ଟଙ୍କା ଆୟ ହେବ ବୋଲି ଧରିନିଆଯାଇଛି । ପ୍ରାରମ୍ଭିକ ଜମା ୨୭ ଲକ୍ଷ ଟଙ୍କା ହେବ ବୋଲି ହିସାବକୁ ନିଆଯିବା ପରେ ଆମ୍ଭମାନଙ୍କର ୩·୭୧ କୋଟି ଟଙ୍କା ନିଅଣ ପଡ଼ିବ । ଏତିକ ନିଅଣ ରହୁଥିବା ବେଳେ, କେନ୍ଦ୍ର ସରକାର ବଜେଟରେ ଯେଉଁ ସବୁ ନୂଆ ଟିକସ ବ୍ୟବସ୍ଥା ପ୍ରବର୍ତ୍ତନ କରିଛନ୍ତି, ତାହା ଫଳରେ ଆମେ ସେ ସବୁ ବାବଦ ଆୟରୁ ଆମର ଅଂଶ ସ୍ୱରୂପ

ଆନୁମାନିକ ୧·୭୦ କୋଟି ଟଙ୍କା ପାଇବୁ ବୋଲି ଆଶା କରିବା ସମୀଚୀନ ମନେହୁଏ । ଏହା ଫଳରେ ୨·୦୧ କୋଟି ଟଙ୍କା ନିଅଣ୍ଟ ପଡ଼ିବ ଏବଂ ଆମେ ତାହା ପୂରଣ କରିପାରିବୁ ବୋଲି ଆଶା କରୁ ।

୨୨ । ଲୁହା ପଥର ଏବଂ କୋଇଲା ଉପରେ ଧାର୍ଯ୍ୟ କରାଯାଇଥିବା ଖଣି ରୟାଲ୍‌ଟି ବିଷୟରେ ମୁଁ ଏଠାରେ ବିଶେଷ ଭାବରେ ଉଲ୍ଲେଖ କରିବି । ଏହି ଦୁଇ ଖଣିଜ ପଦାର୍ଥ, ବିଶେଷକରି ଲୁହା ପଥର ଉପରେ ରୟାଲ୍‌ଟି ହାର ବଢ଼ାଇବା ନିମନ୍ତେ ଆମ୍ଭେମାନେ ଭାରତ ସରକାରଙ୍କଠାରେ ବହୁବର୍ଷ ହେଲା ଦାବି କରି ଆସୁଛୁ । ଖଣି ଉପଦେଷ୍ଟା ମଣ୍ଡଳୀ ଓ ଯୋଜନା କମିଶନଙ୍କ ଦ୍ୱାରା ପ୍ରସ୍ତାବଟି ସମର୍ଥିତ ହୋଇଥିଲେ ମଧ୍ୟ ଭାରତ ସରକାର ଏପର୍ଯ୍ୟନ୍ତ ପ୍ରସ୍ତାବରେ ସମ୍ମତି ପ୍ରଦାନ କରି ନାହାନ୍ତି । ଏହି କେତେବର୍ଷ ହେଲା ଇସ୍ପାତ ଦର ଟନ୍ ପ୍ରତି କେତେ ଶହ ଟଙ୍କା ବଢ଼ି ଯାଇଥିଲେ ମଧ୍ୟ, ଲୁହା ପଥର ଟନ୍ ପ୍ରତି ଏକ ଟଙ୍କା ଲେଖାଏଁ ରୟାଲଟି ବଢ଼ାଇବାପାଇଁ କେନ୍ଦ୍ର ସରକାର ଆମକୁ ଅନୁମତି ନ ଦେବା ଫଳରେ ଆମ୍ଭେମାନେ ଅତିରିକ୍ତ ରାଜସ୍ୱରୁ ବଞ୍ଚିତ ହୋଇଅଛୁ । ଆମ୍ଭେମାନେ ଏ ବିଷୟଟିକୁ ପୁନର୍ବାର ଉତ୍‌ଥାପନ କରୁଛୁ । ଭାରତ ସରକାର ଏ ବିଷୟରେ ଏକ ନ୍ୟାୟସଙ୍ଗତ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ଆମର ଆଶା । ଏହି ବାବଦରେ ଆମେ ଏହି ରୂପେ ଅତିରିକ୍ତ ୫୦ ଲକ୍ଷ ଟଙ୍କା ଚଳିତ ବର୍ଷ ଆୟ କରିବୁ ବୋଲି ଧରିନେଇଛୁ ।

## ୧୯୭୧-୭୨, ବାର୍ଷିକ ଯୋଜନା

୨୩ । ଯୋଜନା କମିଶନଙ୍କ ସହିତ ଆଲୋଚନା ହୋଇ ସ୍ଥିର ହୋଇଥିଲା ଯେ ୧୯୭୧-୭୨ରେ ରାଜ୍ୟ ଯୋଜନା-ଅନ୍ତର୍ଭୁକ୍ତ ପରିକଳ୍ପନାଗୁଡ଼ିକ ପାଇଁ ଅର୍ଥ ଯୋଗାଇବା ସକାଶେ କେନ୍ଦ୍ର ସରକାରଙ୍କଠାରୁ ସାହାଯ୍ୟ ଆକାରରେ ୩୨ କୋଟି ଟଙ୍କା, ଚୁକ୍ତି ସୂତ୍ରରେ ଋଣ ଆକାରରେ ୬ କୋଟି ୯୦ ଲକ୍ଷ ଟଙ୍କା, ରାଜ୍ୟ ସରକାରଙ୍କ ଅତିରିକ୍ତ ସମ୍ବଳ ସଂଗ୍ରହ ଦ୍ୱାରା ୭ କୋଟି ୯୮ ଲକ୍ଷ ଟଙ୍କା ଓ କେନ୍ଦ୍ରୀୟ ଅତିରିକ୍ତ ସମ୍ବଳରୁ ରାଜ୍ୟର ଅଂଶ ବାବଦରେ ୧ କୋଟି ୪୫ ଲକ୍ଷ ଟଙ୍କା—ଏହି ରୂପେ ମୋଟ ୪୮ କୋଟି ୩୩ ଲକ୍ଷ ଟଙ୍କା ମିଳିବ । ତଥାପି ରାଜ୍ୟ ସରକାର ଅନୁଭବ କରନ୍ତି ଯେ ଉକ୍ତ ପରିମାଣ ଅର୍ଥ ବିନିଯୋଗ କରାଯାଇ ଗୋଟିଏ ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ଆମ୍ଭେମାନେ ବିକାଶର ଗତିକୁ ଇପ୍‌ସିତ ମାତ୍ରାରେ ତ୍ୱରାନ୍ୱିତ କରିପାରିବୁ ନାହିଁ । ତେଣୁ ସରକାର ସ୍ଥିର କରିଛନ୍ତି ଯେ ରାଜ୍ୟର ବାର୍ଷିକ ଯୋଜନା ପାଇଁ ଅନ୍ତତଃ ୫୩ କୋଟି ୫୬ ଲକ୍ଷ ଟଙ୍କାର ଖର୍ଚ୍ଚ ବ୍ୟବସ୍ଥା ରହିବା ଦରକାର । ଯୋଜନାର ଖର୍ଚ୍ଚ ବ୍ୟବସ୍ଥା ପରିଶିଷ୍ଟ 'ଖ' ରେ ଦର୍ଶାଇଦିଆଯାଇଛି । ସମ୍ବଳରେ ଏହି ଯେଉଁ ୫ କୋଟି ୨୩ ଲକ୍ଷ ଟଙ୍କା ଅଭାବ ରହୁଛି ତାହାକୁ ବହୁ ପରିମାଣରେ ପୂରଣ କରିବା ପାଇଁ ରାଜ୍ୟ ସରକାର କେତେକ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ଅତିରିକ୍ତ ସମ୍ବଳ-